## ମୁଣ୍ଡ ବିହୀନ ମୃତଦେହ ଜବତ

କେନ୍ଦୁଝର,(ସ୍ୱ.ପ୍ର.)- କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବସନ୍ତପୁର ମହାନ୍ତ ସାହି ନିକଟ ମୁଣ୍ଡା ସାହିର ଏକ ଘରୁ ଶୁକ୍ରବାର ଅପରାହ୍ଣରେ ମୁଣ୍ଡ ବିହୀନ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ନାଣ୍ଡୁ ମୁଣ୍ଡା। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ଘଟଣାସ୍ଥଳରୁ ରକ୍ତଲଗା ଏକ କଟୁରୀ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପାଟଣା,୧୯।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ପଞ୍ଚାୟତ କମାରମରା ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଦ୍ମଲୋଚନ ଦେହୁରୀ।

ସୂଚନା ଅନୁଯାୟୀ, ପଦ୍ମଲୋଚନ ଗୁରୁବାର ଅପରାହ୍ଣରେ ଘର ନିକଟ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁ ବୁଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସାହାରପଡା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଚମ୍ପୁଆ,୧୯।୮(ଡି.ଏନ.ଏ)- କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ଜଡିପଦାଠାରେ ୨୨ତମ ନକଆଉଟ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ସ୍ୱପ୍ନପୁରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ୩ ଦିନିଆ ଫୁଟବଲ ପ୍ରତିଯୋଗିତାରେ ୩୨ ଦଳ ଭାଗ ନେଇଛନ୍ତି। ଯୋଡ଼ା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୫୦ହଜାର,ଦ୍ୱିତୀୟ ପୁରସ୍କାର ୩୫ହଜାର,ତୃତୀୟ ପୁରସ୍କାର ୨୦ହଜାର ଓ ଚତୁର୍ଥ ପୁରସ୍କାର ୧୫ହଜାର ସହ ଟ୍ରଫି ରହିଛି। ପ୍ରଥମ ଦିନରେ ୮ଟି ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ମଙ୍ଗରା ଝାଡ଼ଖଣ୍ଡ ଓ ସାନବଡ଼ବିଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାନବଡବିଲ ବିଜୟୀ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅଞ୍ଜନ ଓରାମ, ଜିଲାପରିଷଦ ସଦସ୍ୟ ଉଦୟ ନାଏକ, ନରୋତ୍ତମ ମହାନ୍ତ, ଚୂଡ଼ାମଣି ମହାନ୍ତ, ପ୍ରମୋଦ ମହାନ୍ତ ଓ ରାଜେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ରାକେଶ ଯୁବ କଂଗ୍ରେସ ନିର୍ବାଚନମଣ୍ଡଳୀ ସଭାପତି



ବାସୁଦେବପୁର, ୧୯।୮(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ଯୁବନେତା ରାକେଶ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ଅନୁମୋଦନ କ୍ରମେ ଜିଲା କମିଟିକୁ ପୁନର୍ଗଠିତ କରାଯାଇଛି। ଏହି ନୂତନ ଦାୟିତ୍ୱ ସେ ସୂଚାରୁ ରୂପେ ତୁଲାଇବା ସହ ସଙ୍ଗଠନକୁ ଅଧିକ ମଜଭୁତ କରିବେ ବୋଲି ରାକେଶ କହିଛନ୍ତି। ଏଥିସହ ଯୁବ କଂଗ୍ରେସର ରାଜ୍ୟ ଓ ସର୍ବଭାରତୀୟ ନେତୃମଣ୍ଡଳୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଧସିଲା ବୁଢ଼ାବଳଙ୍ଗ ପଥର ପ୍ୟାକିଂ

ବାଲେଶ୍ୱର ଅଫିସ, ୧୯।୮



ଧସିଯାଇଥିବା ନଦୀ ପାର୍ଶ୍ୱ ପଥର ପ୍ୟାକିଂ।

ବାଲେଶ୍ୱର ସହର ଉପକଣ୍ଠ ଦହପଡ଼ା-ଫୁଲାଡ଼ି ମଧ୍ୟଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ଦକ୍ଷିଣପାର୍ଶ୍ୱରେ ହୋଇଥିବା ପଥରପ୍ୟାକିଂ ଧସିଛି। ନଦୀକୂଳିଆ ଗାଁକୁ ଥିବା ବିପଦ ଥିବା ଆଶଙ୍କା ନେଇ ସ୍ଥାନୀୟ ବାସିନ୍ଦା ଜିଲା ପ୍ରଶାସନଠାରେ ଅଭିଯୋଗ ଆଣିଛନ୍ତି।

ବୁଢ଼ାବଳଙ୍ଗ ନଦୀ ଦକ୍ଷିଣପାର୍ଶ୍ୱରେ ଅନ୍ୟୁନ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହୋଇଥିବା ପଥରପ୍ୟାକିଂ କାମ ୬ ମାସ ନ ପୂରୁଣୁ ପୁଣି ପଥର ଖସି ନଦୀଗର୍ଭକୁ ଯାଇଛି। ପ୍ୟାକିଂ ବେଳେ ସ୍ତର ଠିକ୍ ଭାବେ ନ ହେବା, ମଧ୍ୟମଧରଣର ଗଣ୍ଡରେ ପଥର ଡମ୍ପିଂ କରା ନ ଯାଇ ମାଟିକୁ ସଜାଡ଼ି ପଥରପ୍ୟାକିଂ ହୋଇଥିଲା। ଚଳିତ ଲଘୁଚାପଜନିତ ବର୍ଷା ପ୍ରଭାବରେ ନଦୀରେ ଆସିଥିବା ସାମାନ୍ୟ ବନ୍ୟାରେ ୨୦ ଫୁଟ୍‌ରୁ ଅଧିକ ପଥର ପ୍ୟାକିଂ ନଦୀଗର୍ଭକୁ ଧସିଯାଇଛି। ଏଥିସହ ପଥରପ୍ୟାକିଂର ଆଗକୁ ମଧ୍ୟ କିଛି ଅଂଶ କୂଳକ୍ଷୟ ହୋଇଛି। ପ୍ୟାକିଂରେ ଅତ୍ୟନ୍ତ ଛୋଟପଥର ଦେବା, ପଥର ସଂଯୋଗୀକରଣରେ ସିମେଣ୍ଟ ଜଏଣ୍ଟ ନ ହେବା ଓ ସର୍ବୋପରି ଆଡ଼ିବନ୍ଧରୁ ଉପରକୁ ପାଖାପାଖି ଦେଢ଼ମିଟର ପଥର ଦିଆ ନ ଯିବା ଏହା ଧସିବାର ଅନ୍ୟତମ କାରଣ ବୋଲି ଆଶଙ୍କା କରାଯାଉଛି। ସେହିପରି ଉକ୍ତ ସ୍ଥାନରେ ଏକ ମଧ୍ୟମଧରଣର ଗଣ୍ଡ ରହିଛି। ଗଣ୍ଡ ପାର୍ଶ୍ୱରେ ଗାର୍ଡ଼ୱାଲ କିମ୍ବା ବଡ଼ ବଡ଼ ପଥର ଡମ୍ପିଂ କରାଯାଇ କୂଳକ୍ଷୟ ନିମନ୍ତେ ପଥର ପ୍ୟାକିଂ କରାଯିବା କଥା। ହେଲେ କାଁ ଭାଁ ପଥର ଡମ୍ପିଂ କରାଯାଇ ଯେନତେନ ଏହି ପ୍ୟାକିଂ କରାଯାଇଥିଲା। ପ୍ରତିବର୍ଷ ବୁଢ଼ାବଳଙ୍ଗ ନଦୀ କୂଳକ୍ଷୟ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାର କିଛିଦିନ ପରେ ପୁଣି ମରାମତି ପାଇଁ କାର୍ଯ୍ୟ କରାଯାଉଥିବାରୁ ବାରମ୍ବାର ରାଜସ୍ୱହାନି ହେଉଛି। ଏହାକୁ ନେଇ ସାଧାରଣରେ ଆଲୋଚନା ହେଉଛି।

ସେହିପରି ସହର ଉପକଣ୍ଠସ୍ଥ ଅକ୍ତିଆରପୁର ଛକପରଠାରୁ ୫୦୦ ମିଟର, ୫୦୦ରୁ ୯୫୦ ଓ ୫୦୦ରୁ ୧୪୫୦ ମିଟର ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ମଧ୍ୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପଥରପ୍ୟାକିଂ ଚଳିତବର୍ଷ ହୋଇଛି। ଏହି ପଥରପ୍ୟାକିଂର କିଛି ଅଂଶରୁ ପଥର ଖସିବା ମଧ୍ୟ ଆରମ୍ଭ ହେଲାଣି। ପଥର ଯୋଡ଼ାଣି ମୁଣ୍ଡକୁ କଂକ୍ରିଟ୍‌ରେ ଜଏଣ୍ଟ କରା ନ ଯିବା ଦ୍ୱାରା ସାମାନ୍ୟ ବର୍ଷାପାଣିରେ ପଥର ଉପରେ ମାଡ଼ ହେଉଛି ଓ ପଥର ମଧ୍ୟରେ ଥିବା ଫାଙ୍କାରୁ ମାଟି ନଦୀଗର୍ଭକୁ ବାହାରିଯିବାରୁ ଅତି ସହଜରେ ପ୍ୟାକିଂ ପଥର ଖସୁଛି। ନିମ୍ନମାନର କାମ ହେଉଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ଏହାକୁ ଧ୍ୟାନ ନ ଦେବା ହେତୁ ନଦୀକୂଳିଆ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟି ଦେବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିବା ସହ ବିଧିବଦ୍ଧ ତଦନ୍ତ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ଗେଙ୍ଗୁଟି ନଦୀବନ୍ଧରେ ବିରାଟ ଫାଟ

ଧାମନଗର, ୧୯।୮ (ଡି.ଏନ.ଏ./ସ୍ୱ.ପ୍ର.)

ଲଘୁଚାପଜନିତ ବର୍ଷା ଓ ବନ୍ୟା ଯୋଗୁ ଭଦ୍ରକ ଜିଲା ଧାମନଗର ଅଞ୍ଚଳର ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ ପୁଣି ଏକ ଲଘୁଚାପ ଘନିଭୂତ ହୋଇ ଶୁକ୍ରବାରଠାରୁ ବର୍ଷା ଲାଗି ରହିଛି। ବୈତରଣୀ ଓ ଶାଖା ନଦୀର ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସୁଛି। ଏହି ସମୟରେ ଶୁକ୍ରବାର ଧାମନଗର ବ୍ଲକ ଦଲାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ମଲିକସାହି ନିକଟରେ ଗେଙ୍ଗୁଟି ନଦୀବନ୍ଧରେ ହୋଇଥିବା ପଥରପ୍ୟାକିଂ ପ୍ରାୟ ୨୦୦ ଫୁଟ୍ ଧସିଯାଇଛି। ଫଳରେ ନଦୀବନ୍ଧ ମଝିରେ ବିରାଟ ଫାଟ ସୃଷ୍ଟି ହୋଇଛି। ଏହାକୁ ନେଇ ନଦୀକୂଳରେ ବସବାସ କରୁଥିବା ପ୍ରାୟ ୭୦ ପରିବାର ଆତଙ୍କିତ ଅବସ୍ଥାରେ ଅଛନ୍ତି। ଲଗାଣ ବର୍ଷା ସାଙ୍ଗକୁ ନଦୀରେ ଯେକୌଣସି ସମୟରେ ବନ୍ୟା ଆସିଲେ ୭୦ ପରିବାର ବନ୍ୟାଜଳରେ ସମ୍ପୂର୍ଣ୍ଣ ବେସାହାରା ହୋଇଯିବା ଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ଧ ଅଧାରୁ

### ପୁଣି ଧସିଲା ପଥର ପ୍ୟାକିଂ

ମାଟି ସହ ପଥରପ୍ୟାକିଂ ନଦୀ ଗର୍ଭକୁ ଧସିଯାଇଥିବାରୁ ଉକ୍ତ ସ୍ଥାନରେ ବନ୍ଧ ଦୁର୍ବଳ ହୋଇଛି। ଏହା ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିଛି। କୋଟି କୋଟି ଟଙ୍କା ବ୍ୟୟରେ ଉକ୍ତ ନଦୀବନ୍ଧ ସୁଦୃଢ଼ୀକରଣ କରାଯାଇଥିଲା। ହେଲେ ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ବାରମ୍ବାର ଉକ୍ତ ସ୍ଥାନରେ ପଥରପ୍ୟାକିଂ ଓ ମାଟି ଧସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ପୁଣି ଲଘୁଚାପ ବର୍ଷା ଆରମ୍ଭ ହୋଇଥିବାରୁ ଦୁର୍ବଳ ନଦୀବନ୍ଧକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମନରେ ଭୟ ସଞ୍ଚାର ହୋଇଛି। ଏ ସମ୍ପର୍କରେ ଧାମନଗର ଜଳସମ୍ପଦ ବିଭାଗ ଯନ୍ତ୍ରୀ ବିରେନ ପାଣିଙ୍କୁ ଯୋଗାଯୋଗ କରିବାରୁ ଅଳ୍ପଦିନ ହେଲା ଏଠାକୁ ଆସିଛି, ଏହି କାମ କେବେଠାରୁ ଓ କେତେ ଟଙ୍କା ବ୍ୟୟରେ କରାଯାଇଛି ତାହା ଜାଣି ନ ଥିବା କହିଛନ୍ତି। ତେବେ ଉକ୍ତ ନଦୀବନ୍ଧ ଧସିଥିବା ଖବର ପାଇ ସେଠାକୁ ଯାଇ ଅନୁଧ୍ୟାନ କରିବା ସହ ବାଲିବସ୍ତା ପକାଯାଇଥିବା ସେ କହିଛନ୍ତି।



ରାମେଶ୍ୱରପୁରଠାରେ ଗେଙ୍ଗୁଟି ନଦୀବନ୍ଧ ଧସିଯାଇଛି।

# ଶିକ୍ଷକ ବଦଳି ପ୍ରତିବାଦରେ ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

କପ୍ତିପଦା,୧୯।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନୂଆସାହିସ୍ଥିତ ଅରବିନ୍ଦ ବିଦ୍ୟାପୀଠର ଶିକ୍ଷକ ଅଞ୍ଜନକୁମାର ପଲେଇଙ୍କୁ ଜିଲା ଶିକ୍ଷାଧିକାରୀ ଅନ୍ୟତ୍ର ବଦଳି କରିଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ବିଦ୍ୟାପୀଠରେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟରେ ଚାଲିଥିବା ଇଂରାଜୀ ପରୀକ୍ଷାକୁ ଛାତ୍ରୀଛାତ୍ରମାନେ ବର୍ଜନ କରି ପୂର୍ବାହ୍ଣ ୧୦ଟାରୁ କପ୍ତିପଦା-ଠାକୁରମୁଣ୍ଡା ରାସ୍ତାର ନୂଆସାହି ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଅଭିଭାବକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ବର୍ଷା ସତ୍ତ୍ୱେ ପାଲଟାଣି ଛାତ୍ରୀଛାତ୍ରମାନେ ବସି ରହିବାରୁ କପ୍ତିପଦା, ଠାକୁରମୁଣ୍ଡା ଓ କରଞ୍ଜିଆ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ଦାବିପୂରଣ ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମାନେ ପ୍ରକାଶ କରିଛନ୍ତି। ଖବରପାଇ କପ୍ତିପଦା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ ହେଁ ରିପୋର୍ଟ ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା।

# ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବାରିପଦା ଅଫିସ,୧୯।୮

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଅଭିଯୁକ୍ତ ରଘୁ ମାରାଣ୍ଡି(୫୦)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ଜିଲା ଆଇନ ସହାୟତା କର୍ତ୍ତୃପକ୍ଷ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ନଭେମ୍ବର ୧୨ରେ ମୋରଡ଼ା ଥାନା ଅଞ୍ଚଳର ଜନୈକା ଦିବ୍ୟାଙ୍ଗ ନାବାଳିକାଙ୍କୁ ଅଭିଯୁକ୍ତ ରଘୁ ବଳପୂର୍ବକ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ବଡ଼ ଭଉଣୀ ଓ ପଡ଼ୋଶୀ ଖୋଜାଖୋଜି କରି ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ପିତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୫୫/୧୭)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବର୍ଷା ପାଇଁ ସ୍କୁଲ ବନ୍ଦ

ଭଦ୍ରକ ଅଫିସ,୧୯।୮

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶନିବାର ବାଲେଶ୍ୱର ଓ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ଭଦ୍ରକର ସମସ୍ତ ସ୍କୁଲ ବନ୍ଦ ରହିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ବିଦ୍ୟାଳୟକୁ ପିଲାମାନେ ଆସିବାକୁ ବନ୍ଦ କରାଯାଇଥିବା ବେଳେ ଶିକ୍ଷକମାନେ ଉପସ୍ଥିତ ରହିବେ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ପ୍ରକାଶଥାଉକି, ଲଘୁଚାପଜନିତ ବର୍ଷା ଯୋଗୁ ଜିଲାର ତିହିଡ଼ି, ଧାମନଗର, ଚାନ୍ଦବାଲି ଆଦି ବ୍ଲକରେ ବନ୍ୟା ସ୍ଥିତି ଲାଗି ରହିଛି। ଏସବୁ ବ୍ଲକରେ ଅଧିକାଂଶ ଗାଁ ଜଳମଗ୍ନ ରହିଥିବା ବେଳେ ରାସ୍ତା ଉପରେ ପାଣି ଚାଲୁଛି।

# ୨ରୁ ରାଜ୍ୟସ୍ତରୀୟ କ୍ୟାରମ୍ ଚାମ୍ପିୟନଶିପ୍

ଯୋଡ଼ା,୧୯।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ାଠାରେ ରାଜ୍ୟସ୍ତରୀୟ କ୍ୟାରମ ଚାମ୍ପିୟନସିପ୍ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୨ତାରିଖରୁ ୪ତାରିଖ ମଧ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳାଳି ପଞ୍ଜୀକରଣର ଶେଷ ତାରିଖ ଚଳିତ ମାସ ୨୫ତାରିଖ ରହିଛି। ଟାଟାଷ୍ଟିଲ ଆନୁକୁଲ୍ୟରେ ସ୍ୱର୍ଗତ ଏନ.ଭି.ବି .କେ ଓ ଏସ.କେ ସେନଗୁପ୍ତାଙ୍କ ସ୍ମୃତିରେ କେନ୍ଦୁଝର ଜିଲା କ୍ୟାରମ ଆସୋସିଏସନ,ଯୋଡ଼ା ପକ୍ଷରୁ ଏହାର ଆୟୋଜନ କରାଯାଉଥିବା ଜିଲା କ୍ୟାରମ ଆସୋସିଏସନର ଅଧ୍ୟକ୍ଷ ମାନସ ରଞ୍ଜନ ମହାନ୍ତି ଓ ପ୍ରକାଶ କୁମାର ମହାନ୍ତି କହିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ଖୋର୍ଦ୍ଧା, ପୁରୀ, କଟକ, ଗଜପତି, କେନ୍ଦୁଝର, ଭୁବନେଶ୍ୱର, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, ବାରିପଦା, ସମ୍ବଲପୁର, ବାଲେଶ୍ୱର, ଅନୁଗୋଳ, ଗଞ୍ଜାମ, ବରଗଡ଼, ଭବାନୀପାଟଣା, ମୟୂରଭଞ୍ଜ ପ୍ରଭୃତି ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ ବୋଲି ଆସୋସିଏସନର ଅର୍ଗାନାଇଜିଂ ସେକ୍ରେଟାରୀ ହେମନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳିଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ଦିଆଯିବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚାମ୍ପିୟନସିପ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଖେଳ ପୁରୁଷ ସିଙ୍ଗଲ, ପୁରୁଷ ଡବଲ, ମହିଳା ସିଙ୍ଗଲ ଓ ଭେଟେରାନ ସିଙ୍ଗଲ ବର୍ଗରେ ଅନୁଷ୍ଠିତ ହେବ। ଜାତୀୟସ୍ତରର କ୍ୟାରମ ରେଫରି ରବୀନ୍ଦ୍ର ଓଝା, ସୁନିଲ ପଟ୍ଟନାୟକ ଓ ବି.ବି.ସେନାପତି ଏହି ପ୍ରତିଯୋଗିତାକୁ ପରିଚାଳନା କରିବେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ରହିଥିବା ନିୟମକୁ ଏଥିରେ ପାଳନ କରାଯିବ। ତେବେ ବାହାର ଅଞ୍ଚଳରୁ ଆସି ଏଥିରେ ଅଂଶ ଗ୍ରହଣ କରୁଥିବା ଖେଳାଳିଙ୍କ ପାଇଁ ରହିବା ଓ ଖାଇବା ବ୍ୟବସ୍ଥା ନିଶୁଳ୍କ ଭାବେ ଆସୋସିଏସନ ପକ୍ଷରୁ କରାଯାଇଥିବା ସଭାପତି ଶ୍ରୀନିବାସ ସାହୁ କହିଛନ୍ତି।

# ବାସୁଦେବପୁର ନିର୍ବାଚନମଣ୍ଡଳୀ ଲାଗି ଭାଜପାର ନୂତନ ସମ୍ପାଦକ, ସହସମ୍ପାଦକ

ପଦ୍ମପୁର, ୧୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ନେତା ମାଧବାନନ୍ଦ ମଲ୍ଲିକ ଭାଜପାର ନୂତନ ସମ୍ପାଦକ ଓ ସହସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି। ଗୌରକୃଷ୍ଣ ମହାକୁଡ଼ଙ୍କୁ ବାସୁଦେବପୁର ନିର୍ବାଚନମଣ୍ଡଳୀର ନେତାଙ୍କ ପ୍ରତିନିଧି ଯୁବ ସଙ୍ଗଠନ ସମ୍ପାଦକ ଓ ବିଶ୍ୱଜିତ ନାୟକଙ୍କୁ ସହସମ୍ପାଦକ ଭାବେ ମନୋନୀତ କରାଯାଇଛି।

# ଦୁର୍ଗା ମୂର୍ତ୍ତି ପାଇଁ ମାଟି ଉଠିଲା



ମାଟି ଉଠାଣ ପୂର୍ବରୁ ପୂଜା କରାଯାଉଛି।

ଢେଙ୍କିକୋଟ,୧୯।୮(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ଦେବୀ ମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଲାଗି ଶୁକ୍ରବାର ମାଟି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂର୍ବାହ୍ଣ ୮ଟା ୧୦ ମିନିଟରେ ମା'ଙ୍କ ମେଢ଼ରେ ଧୂପ,ଦୀପ ପୁଷ୍ପମାଲ୍ୟ ଅର୍ପଣ କରି ଘଣ୍ଟ ହୁଳହୁଳି ସାଙ୍ଗକୁ କମିଟିର ସମସ୍ତ ସଦସ୍ୟ କେଲଦୁମାକୁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଆଣିବା ପାଇଁ ଶୋଭାଯାତ୍ରାରେ ବାହାରିଥିଲେ। ଅଭିଜିତ ପଣ୍ଡାଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାପାଠ ପରେ ମାଟି ଉଠାଯାଇଥିଲା।

### ଢେଙ୍କିକୋଟ ଦେବୀ ମଣ୍ଡପ

କର୍ତ୍ତା ତଥା ସଂକଳ୍ପଧାରୀ ଗୌରୀଶଙ୍କର ମୁଦୁଳିଙ୍କ ସଂକଳ୍ପରେ ମାଟି ଉଠିଥିଲା। କମିଟିର ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ମହାପାତ୍ର, ଉପଦେଷ୍ଟା ଉତ୍ତମ କୁମାର ନାୟକଙ୍କ ସମେତ ସକ୍ରିୟ ସଦସ୍ୟ ଲଲାଟେନ୍ଦୁ ସାହୁ, ବୁବୁ ସାହୁ, ଅରୁଣ ବେହେରା, ଗତିକୃଷ୍ଣ ଦଳେଇ, ଶ୍ରୀକାନ୍ତ ସାହୁ, ନିତ୍ୟାନନ୍ଦ ମହାକୁଡ଼, ମିଣ୍ଟୁ ଲାହା, ଅକ୍ଷୟ ମହାନ୍ତ, ସରୋଜ କୁମାର ମହାନ୍ତ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱସଦସ୍ୟ ଉପସ୍ଥିତ ଥିଲେ।

# ଧାରଣାରେ ବସିଲେ ସଫେଇ କର୍ମଚାରୀ




ସଫେଇ କର୍ମଚାରୀମାନେ ପୌରପାଳିକା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

ଭଦ୍ରକ ଅଫିସ,୧୯।୮

ଭଦ୍ରକ ପୌରପାଳିକାର ସଫେଇ କର୍ମଚାରୀମାନେ ୧୦ ମାସର ଇପିଏଫ୍ ଓ ଇଏସ୍ଆଇ ଟଙ୍କା ଦାବିରେ ଶୁକ୍ରବାର ପୂର୍ବାହ୍ଣ ୧୦ଟାରୁ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଶତାଧିକ କର୍ମଚାରୀ ଏହି ଟଙ୍କା ପାଇ ନ ଥିବାରୁ ଗୁରୁବାର ପୌରପାଳିକା ଅଫିସ୍‌ରେ ପାଟିତୁଣ୍ଡ କରିଥିଲେ। ଶୁକ୍ରବାର ସକାଳୁ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ସମସ୍ତ କର୍ମଚାରୀ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବାହାରି ପୌରପାଳିକା କାର୍ଯ୍ୟାଳୟ ନିକଟରେ ପହଞ୍ଚି ଧାରଣା ଦେଇଥିଲେ। ଶୃଙ୍ଖଳା ରକ୍ଷା ପାଇଁ ଟାଉନ ଥାନା ପୋଲିସ ମୁତୟନ ରହିଥିଲା। ମଧ୍ୟାହ୍ନରେ ଆଲୋଚନା ପରେ ପୌରପାଳିକା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଇପିଏଫ୍ ଟଙ୍କା ଆକାଉଣ୍ଟରେ ଜମା ହୋଇସାରିଛି। ୭ଦିନ ଭିତରେ ସମସ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ ବୋଲି କହିବା ପରେ ସେମାନେ ଧାରଣାରୁ ଉଠିଥିଲେ।

# ଜୀବିକାରେ ପରିବର୍ତ୍ତନ ଆଣିଛି ପୋଖରୀ ଚାଷ

ଯୋଡ଼ା,୧୯।୮(ଡି.ଏନ.ଏ.)

ଟାଟା ଷ୍ଟିଲ୍ ଲିମିଟେଡ୍ ସିଏସଆର ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ) କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାର ଚାଷୀଙ୍କ ପାଇଁ ଉନ୍ନତିମୂଳକ କାର୍ଯ୍ୟ ଚଳାଇ ଆସୁଛି। ଏହାର କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ କୃଷି କାର୍ଯ୍ୟରେ ବ୍ୟବହାର କରୁଥିବା ପୋଖରୀକୁ ଖୋଳି ଚାଷୀଙ୍କୁ ଦୀର୍ଘସ୍ଥାୟୀ ଜୀବନଜୀବିକା ପ୍ରଦାନ ଦିଗରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି।

ଗତ ଏକ ବର୍ଷ ମଧ୍ୟରେ ଟିଏସ୍ଏଫ ପକ୍ଷରୁ ୪୪ଟି ବ୍ୟକ୍ତିଗତ ଚାଷ ପୋଖରୀ ଖୋଳାଯିବା ଫଳରେ ଏହି ଖଣି ଅଞ୍ଚଳରେ ରହୁଥିବା ପରିବାର ଆର୍ଥିକ ରୂପେ ସଶକ୍ତ ହେବା ସହିତ ଏହା ସେମାନଙ୍କ ଜୀବନ ଧାରଣ ମାନର ସାମାଜିକ-ଅର୍ଥନୈତିକ ଦିଗରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି। ଉପରୋକ୍ତ ଜିଲାର ୫ଟି ପଞ୍ଚାୟତ ଅନ୍ତର୍ଗତ ୧୦ଟି ଗ୍ରାମରେ ପରିବ୍ୟାପ୍ତ ଏହି ପୋଖରୀଗୁଡ଼ିକୁ ବିଜ୍ଞାନ ସମ୍ମତ ଚାଷ ଆଧାରିତ ପ୍ରକଳ୍ପ ଏବଂ ପାରମ୍ପରିକ ଶସ୍ୟ ଚାଷ କରିବାରେ ବ୍ୟବହାର କରାଯାଉଛି। ବନ୍ଧୁଆ ବେଡ଼ା, ପଳସା 'ଖ', କୁନ୍ଦୁରୁପାଣି, ଜମୁନାପୋଷି, ଜଗନ୍ନାଥପୁର ଓ ବାଳିତା ଆଦି ଗ୍ରାମର ବାସିନ୍ଦାମାନେ ମକା, ହଳଦୀ ଓ ଅଦା ଭଳି ଲାଭଦାୟକ ଚାଷ କରିବାକୁ ଆଗେଇ ଆସିଛନ୍ତି। ତେବେ ବର୍ଷସାରା ଜଳର ସୁବିଧା



ଭେଣ୍ଡି ଓ ମକା ଚାଷ କରିଥିବା ଜଣେ ମହିଳା ଚାଷୀ।

### ଟାଟାଷ୍ଟିଲ୍ ଫାଉଣ୍ଡେଶନର ସହାୟତା

ମିଳିବାରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ମଧ୍ୟ ଶସ୍ୟ ଚାଷ ଓ ମତ୍ସ୍ୟ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏକ ଦୀର୍ଘସ୍ଥାୟୀ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପୋଖରୀ ଚାଷ ବ୍ୟବସ୍ଥା କରାଯାଇଥିବାବେଳେ ଏହାଦ୍ୱାରା ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜଳ ସଂରକ୍ଷଣ, ଭୂତଳ ଜଳ ରିଚାର୍ଜିଂ ଏବଂ କୃଷିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଇପାରୁଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଟିଏସ୍ଏଫ ପକ୍ଷରୁ ପଳସା 'ଖ' ଏବଂ ପଳସା ପଞ୍ଚାୟତ ଅନ୍ତର୍ଗତ ବେଗୁନା ସାହି ଗ୍ରାମରେ ୧୪୦ କେଜି ଉନ୍ନତମାନର ହଳଦୀ ଓ ଅଦା ବିହନ ବଣ୍ଟନ କରାଯାଇଛି। ଏହା ସହିତ ଉତ୍ପାଦ ବିକ୍ରି ପାଇଁ ବଜାର ସଂଯୋଗୀକରଣର ଆଶ୍ୱାସନା ସେମାନଙ୍କ ମନବୋଲକୁ ବୃଦ୍ଧି କରିଛି ।

## ସଂକ୍ଷେପରେ

### ପର୍ଯ୍ୟଟନସ୍ଥଳୀକୁ ନ ଯିବା ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ

ବାଲେଶ୍ୱର ଅଫିସ, ୧୯।୮-ବାଲେଶ୍ୱର ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନ ଯିବା ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଲଘୁଚାପଜନିତ ଅତ୍ୟଧିକ ବର୍ଷା ଜିଲାରେ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଜିଲାରେ ଥିବା ପର୍ଯ୍ୟଟନକ୍ଷେତ୍ର ଚାନ୍ଦିପୁର, ତାଳସାରୀ, କଷାଫଳ, ଡଗରା ଏବଂ ପଞ୍ଚଲିଙ୍ଗେଶ୍ୱରକୁ ଦୁଇଦିନ ଧରି ନ ଯିବା ପାଇଁ ପର୍ଯ୍ୟଟକମାନଙ୍କୁ ବାରଣ କରିଛନ୍ତି। ଏଥିସହିତ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।

### ବିରଳ କୋବ୍ରା ଉଦ୍ଧାର

ସୋର, ୧୯।୮(ଡି.ଏନ.ଏ.)-ଶୁକ୍ରବାର ସୋର ବ୍ଲକ ମଙ୍ଗଳପୁର ବଡ଼ସାହିରେ ଏକ ପୂଜା ଘର ଭିତରୁ ୭ଫୁଟ ଲମ୍ବର ଏକ ବିରଳ କୋବ୍ରା ପ୍ରଜାତିର ସାପକୁ ବନ ବିଭାଗ ସହଯୋଗରେ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏହି ଗ୍ରାମର ଗିରିଜା ଶଙ୍କର ମହାନ୍ତିଙ୍କ ଠାକୁରଘର ଭିତରେ ଏହି ସାପ ଥିବା ବେଳେ ପୂଜା କରିବାକୁ ଯାଇଥିବା ଲୋକ ଦେଖିପାରି ଭୟରେ ବାହାରି ଆସିଥିଲେ। ସ୍ଥାନୀୟ ଲୋକେ ଡିଏଫ୍‌ଓ୍ୱଙ୍କୁ ଜଣାଇବା ପରେ ରେଞ୍ଜର ବବିତା ସରେନ ସଦଳବଳେ ସେଠାରେ ପହଞ୍ଚି ସାପଧରାଳି ସେକ ମିର୍ଜାଙ୍କୁ ଖବର ଦେଇଥିଲେ। ମିର୍ଜା ସେଠାରେ ପହଞ୍ଚି ଘର ଭିତରୁ ସାପକୁ ସତର୍କତାର ସହ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କ ସହଯୋଗରେ ଜଙ୍ଗଲରେ ଛାଡ଼ି ଦେଇଥିଲେ। ବନ ବିଭାଗ ଅଧିକାରୀ ଏହାକୁ ଶଙ୍ଖଚୂଡ଼ ବୋଲି କହୁଥିବା ବେଳେ ସେକ୍ ମିର୍ଜା ଏହାକୁ ଚିତ୍ରିତ କୋବ୍ରା ବୋଲି କହିଛନ୍ତି। ଏହି କାର୍ଯ୍ୟରେ ଦକ୍ଷୁର ଗାର୍ଡ଼ ଭାରତୀ ସିଂ, ବାଘଆମ୍ପୁଡ଼ା ଗାଁ ଫୁଲମଣି ମୁର୍ମୁ, ସବୁଜବାହିନୀ ଦେବେନ୍ଦ୍ର ରାଉତ, ପର୍ଶୁରାମ ମହାନ୍ତି ଓ ତ୍ରିଲୋଚନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୈଶିଙ୍ଗା,୧୯।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଦିଗାନଘର ଗ୍ରାମର ବାଇଧର ଓରଫ ବାୟା ସିଂ (୭୦) ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୁରୁବାର ଅପରାହ୍ଣରେ ସେ ପଡ଼ିଆକୁ ଗାଈ ଆଣିବାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଶୁକ୍ରବାର ଖୁଣ୍ଟାପୁର ସ୍ଥିତ ସତ୍ୟସାଇ ବିଦ୍ୟାପୀଠ ସମ୍ମୁଖରେ ଥିବା ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୦/୨୨) ରୁଜୁ ହୋଇଛି।

### ବୃଦ୍ଧଙ୍କ ମୃତଦେହ ଜବତ

ବଡ଼ସାହି,୧୯।୮- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବେଡ଼ାପାଳ ଗ୍ରାମର ବାଉଁଶ ବୁଦାମୂଳରୁ ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ଅଗ୍ନିଶମ ବାହିନୀ ଶବ ଉଦ୍ଧାର କରି ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମୃତକ ହେଲେ ଭୋଲାପଦା ଗ୍ରାମର ଚରଣ ମୁର୍ମୁ(୬୮)। ସେ ବନ୍ୟା ଜଳରେ ଭାସି ଆସିଥିବା ଜଣାପଡ଼ିଛି। ବଡ଼ସାହି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ୬୩ ବର୍ଷରେ ଶ୍ରୀସତ୍ୟନାରାୟଣଙ୍କ ପୂଜା

ସିମୁଳିଆ, ୧୯।୮(ଡି.ଏନ.ଏ.) ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେସନ ବଜାରସ୍ଥିତ ଶ୍ରୀସତ୍ୟନାରାୟଣ ମନ୍ଦିରରେ ୧୯୫୯ରୁ ଆରମ୍ଭ ହୋଇଥିବା ପୂଜା ୬୩ବର୍ଷରେ ପାଳିତ ହେଉଛି। ଏହି ଅବସରରେ ଶୁକ୍ରବାର ପ୍ରାତଃରେ ଶ୍ରୀସତ୍ୟନାରାୟଣଙ୍କ ନିତ୍ୟ ବିଧି ଉପଚାର ପୂଜା ଘଟନିମଜ୍ଜନ, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପରେ ତୁଳସୀ ଅର୍ପଣ, ଶ୍ରୀମଦ୍ ଭଗବତ ଗୀତାପାଠ, ମଧ୍ୟାହ୍ନରେ ନାରାୟଣ ପୂଜା ଓ ରାତି ୮ଟାରେ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ମହିଳାମାନେ ବ୍ରତ ଉପଚାର ପୂଜା କରିଥିଲେ। ପଣ୍ଡିତ ରୂପେ ଦୟାନିଧି ପତ୍ରୀ, ବିଜୟ କୁମାର ଦାଶ ଓ ଭାରତ ଭୂଷଣ ଦାଶ ଥିଲେ। ସ୍ଥାନୀୟ ଅଞ୍ଚଳର ଭକ୍ତ ଓ ଜନସାଧାରଣଙ୍କ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବା ଅନୁଷ୍ଠାନ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଓ ସମ୍ପାଦକ ଶିବ ପ୍ରସାଦ ବେହେରା ସୂଚନା ଦେଇଛନ୍ତି।

# ଛେଚୁଛି ବର୍ଷା, ବଢୁଛି ଭୟ

■ଲଘୁଚାପ ପ୍ରଭାବ
■ଉପକୂଳରେ ସତର୍କ ସଂକେତ

ଭୋଗରାଇ, ୧୯।୮(ଡି.ଏନ.ଏ.)

ଉତ୍ତରପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓଡ଼ିଶା-ପଶ୍ଚିମବଙ୍ଗ ଦୀଘା ଉପକୂଳ ମୁହାଁ ହେଉଥିବାରୁ ପ୍ରଶାସନ ପକ୍ଷରୁ ବାଲେଶ୍ୱର ଜିଲାରେ ସତର୍କ ସଂକେତ ଜାରି କରାଯାଇଛି। ଲଘୁଚାପ ସହିତ ଦକ୍ଷିଣ ପଶ୍ଚିମ ମୌସମୀ ବାୟୁ ଯୋଗୁ ଜିଲାରେ ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। ଏଭଳି ସ୍ଥିତିରେ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇଯାଇଛି।

ଅପରପକ୍ଷରେ ଜିଲାରେ ଶୁକ୍ରବାର ସକାଳ ୮ଟା ସୁଦ୍ଧା ୧୪୯.୫ମି.ମି. ବର୍ଷା ହୋଇଥିବା ଜରୁରୀକାଳୀନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସମୁଦ୍ର ଅଶାନ୍ତ ଥିବାରୁ ସମସ୍ତ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ଯିବା ପାଇଁ ନିଷେଧାଜ୍ଞା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି। ଉଦୟପୁର, ତାଳସାରୀ, ବିଚିତ୍ରପୁର, କୀର୍ତ୍ତନିଆ, ଡଗରା, ଚୌମୁଖ,



ସମୁଦ୍ର ଅଶାନ୍ତ ହୋଇପଡିଥିବାରୁ କୂଳକୁ ଫେରିଆସିଥିବା ମାଛଧରା ଡଙ୍ଗା।

ହଂସକର, ବାହାବଳପୁର, କଷାଫଳ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରରେ ସମସ୍ତ ମାଛଧରା ଡ଼ଙ୍ଗା ଓ ଟ୍ରଲର କୂଳରେ ଲାଗିଛି। ସମୁଦ୍ର ଅଶାନ୍ତ ଥିବାବେଳେ ଉତ୍ତାଳ ଢେଉ କୂଳଆଡକୁ ମାଡିଆସି ସୁରକ୍ଷା ପଥର ବନ୍ଧରେ ମାଡ଼କରୁଛି । ଭୋଗରାଇ ସୀମାନ୍ତ ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣି ପର୍ଯ୍ୟଟନ ସ୍ଥଳୀରେ କଡା ସତର୍କତା ଜାରି କରାଯାଇଥିବା ସୂଚନା ମିଳିଛି। ସମସ୍ତ ସ୍ଥାନରେ ଏନଡିଆରଏଫ ଏବଂ ସିଭିଲ ଡିଫେନ୍ସ କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ସାଗରଦୀପ, ହୁଗୁଳି, ପେଟୁଆ ଓ ଦୀଘାରେ ୩ନମ୍ବର ସତର୍କ ସଂକେତ ଦିଆଯାଇଛି। ବାଲେଶ୍ୱର ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇ ଲୋକଙ୍କ ପ୍ରତି ସତର୍କ ରହିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି। ଗଭୀର ଲଘୁଚାପ ବାଲେଶ୍ୱର, ମୟୂରଭଞ୍ଜ ଜିଲା ଅତିକ୍ରମ କରି ଝାଡ଼ଖଣ୍ଡ ମାଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ସୂଚନା ଦେଉଥିବା ବେଳେ ସୁବର୍ଣ୍ଣରେଖାରେ ବଡ ଧରଣର ବନ୍ୟା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେଚ ବିଭାଗ କହିଛି। ଦୀଘା ଉପକୂଳରେ ଏକ ବଙ୍ଗୀୟ ମାଛଧରା ଟ୍ରଲର ଗଭୀର ସମୁଦ୍ରରେ ୧୪ଜଣ ମତ୍ସଜୀବୀ ଫସିଥିବା ସୂଚନା ମିଳିଛି।

# କେନ୍ଦୁଝରରେ ଖୋଲିଲା 'ସଙ୍ଗମ କଲେକ୍ସନ'

କେନ୍ଦୁଝର, ୧୯।୮(ଡି.ଏନ୍.ଏ.)

କେନ୍ଦୁଝର ସହର ଆକ୍ସିସ ବ୍ୟାଙ୍କ ସମ୍ମୁଖ ସୁଲୋଚନା ପ୍ଲାଜାରେ ସଙ୍ଗମ କଲେକ୍ସନ ଶୋରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମନୋଜ ମଞ୍ଜରୀ ଶିଶୁଭବନ ସଭାପତି କୈଳାସ ଚନ୍ଦ୍ର ପଣ୍ଡା ଏବଂ ସମ୍ପାଦକ ସତ୍ୟନାରାୟଣ ମିଶ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ଚାହିଦା ଅନୁଯାୟୀ ସୁଲଭ ଦରରେ ମନ ମୁତାବକ ବିଭିନ୍ନ ପ୍ରକାର ରେଡିମେଡ ଗାର୍ମେଣ୍ଟ୍ସ ପୋଷାକ, ଶାଢ଼ି ଏବଂ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ଡ୍ରେସ୍ ମିଳିପାରିବ ବୋଲି ସତ୍ୱାଧିକାରୀ ଓମ୍ ପ୍ରକାଶ ଲୋହିଆ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବ ଅବସରରେ ଶୁକ୍ରବାରଠାରୁ ଗଣେଶ ପୂଜା ପର୍ଯ୍ୟନ୍ତ ପୋଷାକ ସାମଗ୍ରୀରେ ୨୦ପ୍ରତିଶତ ପର୍ଯ୍ୟନ୍ତ ନିଶ୍ଚିତ ରିହାତି ରହିଛି। ଗତ ୩୦ବର୍ଷ ଧରି କେନ୍ଦୁଝରରେ ଏକ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଭାବେ ସଙ୍ଗମ ଡ୍ରେସେସ୍ ସୁନାମ ଅର୍ଜନ କରିଛି। ଏହି ମଲ୍‌ରେ ସଙ୍ଗମ କଲେକ୍ସନ ଆରମ୍ଭ ହେବା ଦ୍ୱାରା ଗ୍ରାହକମାନେ ଅଧିକ ସଂଖ୍ୟାରେ ନୂତନ ଡିଜାଇନର ବିଭିନ୍ନ ପ୍ରକାର ଅତ୍ୟାଧୁନିକ ପୋଷାକ କିଣିପାରିବେ ବୋଲି ସତ୍ୱାଧିକାରୀ ପ୍ରକାଶ କରିଛନ୍ତି। ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।




# ବର୍ଷା ପାଇଁ ସତର୍କ କଲା ଜିଲା ପ୍ରଶାସନ

ବାରିପଦା ଅଫିସ/ ବେତନଟୀ/ଖୁଣ୍ଟା,୧୯।୮(ଡି.ଏନ.ଏ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ, ବାରିପଦା ଉପଜଲାପାଳ ଅନ୍ୟା ଦାସ, ବାରିପଦା ଡିଏଫ୍‌ଓ ସନ୍ତୋଷ ଯୋଶୀ, ଡେପୁଟି କଲେକ୍ଟର, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନା ନିୟମ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଆନୁସଙ୍ଗିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ସଜାଗ ରହି ପରିସ୍ଥିତିର ମୁକାବିଲା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରବଳ ବର୍ଷା ଆଶଙ୍କାକୁ ନେଇ ବେତନଟୀ ବ୍ଲକ ଅଞ୍ଚଳର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତ ଲଗାଣ ବର୍ଷାରେ ମେର୍ଦା ଅଞ୍ଚଳରେ ପ୍ରବାହିତ ବାଉଁଶନଦୀରେ ବନ୍ୟା ଆସିବା ସହିତ ହେକ୍ଟର ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିଲା। ଅନୁରୂପ ଭାବେ ବୁଢ଼ାବଳଙ୍ଗ ନଦୀରେ ପ୍ରଥମ ବନ୍ୟା ଆସି ପାଟୁଳିପୁରା ପଞ୍ଚାୟତର ଅଧିକାଂଶ ଚାଷଜମି ଜଳମଗ୍ନ ହୋଇଥିଲା। ବୁଢ଼ାବଳଙ୍ଗ ନଦୀ ପଠାରେ ଥିବା ସିଙ୍ଗଳାମୁଣ୍ଡୁଳି, କାଠପାଳ, ବେଲାଣପୁରା, ନଖରା, ମଧୁନଣ୍ଡା, ପାଟୁଳିପୁରା, ଦାରିହା ପ୍ରଭୃତି ଗ୍ରାମର ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ଗୋପବନ୍ଧୁ ନଗର ବ୍ଲକ ଅଧୀନ ବନ୍ୟା ପ୍ରବଣ ଅଞ୍ଚଳ ଭାବେ ପରିଚିତ ଜୟପୁର , ସାଇଁକୁଳା , ବରଡ଼ିହି ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକଙ୍କୁ ତହସିଲ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଯାଇଛି। ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜନସାଧାରଣଙ୍କୁ ଗୃହପାଳିତ ପଶୁ ସମେତ ଉଚ୍ଚ ଏବଂ ନିରାପଦ ସ୍ଥାନକୁ ସ୍ଥାନାନ୍ତର ହେବା ପାଇଁ ପରାମର୍ଶ ଦିଆଯାଇଥିବା ଗୋପବନ୍ଧୁ ନଗର ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ଗିରି ସୂଚନା ଦେଇଛନ୍ତି ।

# ବାଲିନଗର ରାଧାକୃଷ୍ଣ ମନ୍ଦିର ଉତ୍ସବମୁଖର

ବାସୁଦେବପୁର,୧୯।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ବାଲିନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ଉତ୍ସବମୁଖର ହୋଇଥିଲା। ଶତାଧିକ ବ୍ରତଧାରୀ ମହିଳା ଓ ଶ୍ରଦ୍ଧାଳୁମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରାଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ପୂର୍ବାହ୍ନରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଶିଶୁବିହାର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କୃଷ୍ଣ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରି ଶେଷରେ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ କୃଷ୍ଣ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ସାମିଲ ହୋଇଥିବା କୁନି କୁନି କୃଷ୍ଣଙ୍କୁ ଲବଣୀ ଓ ମିଠା ଖାଇବାକୁ ଦିଆଯାଇଥିଲା। ଯାଦବ ମହାସଂଘର ସଭାପତି ବନମାଳୀ ବାରିକ, ସମ୍ପାଦକ ଭାଗୀରଥି ପଲେଇ, ସାଂସ୍କୃତିକ ସମ୍ପାଦକ ଉତ୍ତମ ବାରିକ, ରତ୍ନାକର ବାରିକ, ପ୍ରତାପ ଡାଙ୍ଗୁଆ, କମଳାକାନ୍ତ ବାରିକ, ନାରାୟଣ ପ୍ରସାଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂଗ୍ରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଚାରାରୋପଣ

କେନ୍ଦୁଝର, ୧୯।୮(ସ୍ୱ.ପ୍ର./ଡି.ଏନ.ଏ.)

ପୂର୍ବତନ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟିର ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନା (ବାପି)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁନେଶ ଧୀର ଏଥିରେ ସଭାପତିତ୍ୱ କରିଥିଲେ। କଂଗ୍ରେସ ନେତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସଂଗ୍ରାମଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜଙ୍କ ନେତୃତ୍ୱରେ ଅଚିନ୍ତା ମଠରେ ଚାରାରୋପଣ କରାଯାଇଥିଲା। ଏଥିରେ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସଂଗୀତା ସିଂହ, ଜିଲା ଦଳିତ ସେଲ୍ ସଭାପତି ରମାକାନ୍ତ ପାତ୍ର, ସଦର ବ୍ଲକ ସଭାପତି ଉତ୍ତମ କୁମାର ସାହୁ, ବରିଷ୍ଠ ନେତା ରତ୍ନାକର ଜେନା, ଲଳିତ ମୋହନ ନାୟକ, ସୁଢଳ କୁମାର ସେଠି, ଯୁବ ଓ ଛାତ୍ର କଂଗ୍ରେସ ନେତା ଦିବ୍ୟଦର୍ଶନ ଦାସ, ସନତ ପାଢ଼ୀ, ସୌମ୍ୟରଞ୍ଜନ ରାଉତ, ଏସ୍. ଶକ୍ତି ସ୍ୱରୂପ, ଲିଟନ ସାହୁ, ସୌମ୍ୟ ପଲେଇ, ସଞ୍ଜୟ ନାଏକ, ସାଗର ମହାନ୍ତି, ଦେବନନ୍ଦନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।




ପୂର୍ବତନ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଦଳୀୟ କର୍ମକର୍ତ୍ତା।

# ଜିଲାସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା: ଭାଗ ନେଲେ ୧୧୭ ପ୍ରତିଯୋଗୀ



ଉଦ୍‌ଘାଟନୀ ଅବସରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୧୯।୮

ବାଲେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ସ୍ଥାନୀୟ ଅଫିସର କ୍ଲବ ଇନଡୋରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲାରୁ ବିଭିନ୍ନ ବର୍ଗର ୧୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ବିଜେତା ଓ ଉପବିଜେତାମାନଙ୍କୁ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଜିଲା ବ୍ୟାଡମିଣ୍ଟନ ସଂଘ କୃତୀ ଖେଳାଳୀଙ୍କ ଉତ୍ସାହ ନିମନ୍ତେ ଟି-ଶର୍ଟ ଏବଂ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ ଖର୍ଚ୍ଚ ବହନ କରିବ।

ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସଂଘ ସଭାପତି ସିଦ୍ଧାର୍ଥ ଦାସ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଡେଭେଲପ୍ କମିଟି ମୁଖ୍ୟ ଚିନ୍ମୟ ବିଶ୍ୱାଳ ଏବଂ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଜୋନାଲ ମୁଖ୍ୟ ଜୟପ୍ରକାଶ ସିଂ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚିଫ୍ ରେଫେରି ଗୌରୀଶଙ୍କର ବିଶିଙ୍କ ସମେତ ଜିଲାର ରାଜ୍ୟସ୍ୱୀକୃତି ପ୍ରାପ୍ତ ବ୍ୟାଡମିଣ୍ଟନ୍ ଅଫିସିଆଲ ପ୍ରୀତିରଞ୍ଜନ ମହାନ୍ତି, ନୀଳମାଧବ ଦାସ, ସୁଜୟ କୁମାର ଦାସ, ସଞ୍ଜୀବ ପ୍ରଧାନ, ସୋମନାଥ ବାରିକ, ରାଜକୁମାର ଗାଙ୍ଗୱାର ଖେଳ ପରିଚାଳନା କରୁଛନ୍ତି। ସଂଘ କର୍ମକର୍ତ୍ତା ବିଶ୍ୱଜିତ ଦାସ, ବିକାଶ ଦାସ, ନବନିତ ଘୋଶାଲ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ କୃଷି ମହାବିଦ୍ୟାଳୟ, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

ଜଳେଶ୍ୱର, ୧୯।୮(ଡି.ଏନ୍.ଏ.)

ବାଲେଶ୍ୱର ଏକ ଧାନ, ମୀନ, ପାନର ଅଞ୍ଚଳ ହୋଇଥିଲେ ମଧ ଏହାର ବିକାଶ କ୍ଷେତ୍ରରେ ଧ୍ୟାନ ଦିଆଯାଇ ନ ଥିବାରୁ ଜଳେଶ୍ୱରର କେତେକ ବୁଦ୍ଧିଜିବୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜିଲାର ୨୫ ଲକ୍ଷ ଲୋକ ବାସ କରୁଥିବା ବେଳେ ଏହାର ପ୍ରାୟ ୮୦ ଭାଗ ଲୋକ କୃଷି ଓ କୃଷିଶ୍ରମ ଉପରେ ନିର୍ଭର କରନ୍ତି। ଜିଲାରେ ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ଜଳକା ଆଦି ନଦୀ ପ୍ରବାହିତ ହୋଇଥିବା ବେଳେ ରବି ଋତୁରେ ପର୍ଯ୍ୟାପ୍ତ ଧାନ ଓ ପରିବା ଚାଷ ହୋଇଥାଏ। ଦୁଃଖର ବିଷୟ ୧୯୫୪ରେ ଉତ୍କଳ କୃଷି ମହାବିଦ୍ୟାଳୟ ଓ ୧୯୬୨ରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ପରେ ଚିପିଲିମା ଓ ଭବାନୀପାଟଣାଠାରେ ୨ଟି କୃଷି ମହାବିଦ୍ୟାଳୟ ଓ ଭୁବନେଶ୍ୱରରେ ପଶୁରୋଗ ଓ ପଶୁ ପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ଉତ୍ତର ଓଡିଶା ପ୍ରତି ଅବହେଳା ପ୍ରଦର୍ଶିତ ହୋଇଛି। ବାଲେଶ୍ୱର ଜିଲାରେ ବୈଷୟିକ କୃଷି ମହାବିଦ୍ୟାଳୟ ନ ଥିବା ବେଳେ ରାଜ୍ୟରେ ଥିବା ୧୦ଟି କୃଷି ଓ ଆନୁଷଙ୍ଗିକ ବିଷୟରେ ଡିପ୍ଲୋମା ବିଦ୍ୟାଳୟ କାର୍ଯ୍ୟକ୍ଷମ କରାଯାଇଥିଲେ ମଧ ବାଲେଶ୍ୱର ସେଥିରୁ ବଞ୍ଚିତ ରହିଛି। ଜିଲାରେ କୃଷି ଗବେଷଣା କ୍ଷେତ୍ର ନ ଥିବାରୁ ଉତ୍ତର ବାଲେଶ୍ୱରର ବହୁ ବ୍ୟକ୍ତି କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ବାଲେଶ୍ୱର ଜିଲାରେ ଏକ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା କରିବାକୁ ରବୀନ୍ଦ୍ର ବାରିକ, ଦିଲୀପ ଗିରି, ଜ୍ୟୋତିପ୍ରକାଶ ଜେନା, ନିରୋଜ ବେହେରା, ଗୌତମ ପ୍ରଧାନଙ୍କ ନେତୃତ୍ୱରେ ବହୁ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଶିଶୁମନ୍ଦିରରେ ଜନ୍ମାଷ୍ଟମୀ: ରାଧାକୃଷ୍ଣ ବେଶ ପ୍ରତିଯୋଗିତା

ଧାମନଗର,୧୯।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକର ବୁଢ଼ାକୁଟି ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଜନ୍ମାଷ୍ଟମୀ ପାଳନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମନ୍ଦିର ପ୍ରତିଷ୍ଠାତା ତଥା ଖବରଦାତା ବିବେକାନନ୍ଦ ପଣ୍ଡା ଅଧକ୍ଷତା କରିଥିଲେ। ବିଦ୍ୟାଳୟର କୁନି ଛାତ୍ରୀଛାତ୍ରଙ୍କ ମଧରେ ରାଧା ଓ କୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ଖବରଦାତା ସୁଧାକର ଦାଶ, ସୁଶାନ୍ତ କୁମାର ରାଉତ, ସନ୍ତୋଷ କୁମାର ମହାପାତ୍ର ଓ ଦୀନକୃଷ୍ଣ ମହାପାତ୍ର ଅତିଥି ତଥା ବିଚାରକ ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ଓ ଜନ୍ମାଷ୍ଟମୀ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିଶୁମାନେ ସଂକୀର୍ତ୍ତନ ମଣ୍ଡଳୀ ସହ ବଜାର ପରିକ୍ରମା କରି ରାମ ମନ୍ଦିର ପରିଦର୍ଶନ କରିଥିଲେ। ଗୁରୁଜୀ ସଞ୍ଜୟ କୁମାର ସେଠୀ, ସରୋଜକାନ୍ତ ପଣ୍ଡା, ଗୁରୁମା ମାମିନା ରାଣୀ ପାଲ, ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ସ୍ନେହମୟୀ ପଣ୍ଡା, ପ୍ରୀତିଜିତା ମହାପାତ୍ର ଓ ପଲ୍ଲିଶ୍ରୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

# ବଡ଼ଗୁଡ଼ା ସାହିକୁ ଭରସା କାଠପୋଲ

ବିଶୋଇ,୧୯।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ ବର୍ଷ ପରେ ମଧ ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଥିବା ଆଦିବାସୀ ଅଧ୍ୟୁଷିତ ବିଶୋଇ ବ୍ଲକର ବିଭିନ୍ନ ଉପାନ୍ତ ଅଞ୍ଚଳର ଲୋକେ ସରକାରୀ ସୁବିଧାରୁ ବଞ୍ଚିତ। ନଦୀରେ ପାଣି ଯୋଗୁ ଏହି ବ୍ଲକ ଅଧୀନ ବଡ଼ମଣଦା ପଞ୍ଚାୟତର ଆହ୍ଲାପାଣି ଗ୍ରାମରୁ ବଡ଼ଗୁଡ଼ା ସାହିକୁ ଯାତାୟାତ କ୍ଷେତ୍ରରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଈରେ ପୋଲ ନ ଥିବାରୁ ବଡ଼ଗୁଡ଼ା ସାହି ବାସିନ୍ଦା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି। ଲୋକେ ନିଜ ପ୍ରଚେଷ୍ଟାରେ ଏକ କାଠପୋଲ ନିର୍ମାଣ କରିଥିବା ଦେଖିବାକୁ ମିଳିଛି।

ସୂଚନାଥାଉକି, ବଡ଼ଗୁଡା ସାହିରେ ଦୀର୍ଘ ବର୍ଷ ଧରି ଖଡ଼ିଆ ଓ ତନ୍ତି ସମ୍ପ୍ରଦାୟର ୩୦ ପରିବାରର ୧୨୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରି ଆସୁଛନ୍ତି। ତେବେ,ମୁଖ୍ୟ ରାସ୍ତା ୪୯ନଂ. ଜାତୀୟ ରାଜପଥରୁ ଆହ୍ଲାପାଣି ଗ୍ରାମ ପର୍ଯ୍ୟନ୍ତ ପିଚୁ ହୋଇଛି। ଆହ୍ଲାପାଣି ଗ୍ରାମରୁ ୧ କି.ମି. ପର୍ଯ୍ୟନ୍ତ ବଡ଼ଗୁଡ଼ା ସାହିକୁ ଏକ ମାଟି ନିର୍ମିତ କଚା ରାସ୍ତା ସଂଯୋଗ କରିଛି। ଏହି କଚା ରାସ୍ତା ମଝିରେ 'କାଶୀଦା-ବଡ଼ଗୁଡା'ନଈ ରହିଛି। ମାତ୍ର, ପରିତାପର ବିଷୟ ଏହି ନଈକୁ ପାର ହେବା ପାଇଁ କୌଣସି ପୋଲ ନିର୍ମାଣ ହୋଇନାହିଁ। ଜରୁରୀ ପରିସ୍ଥିତିରେ ବଡ଼ଗୁଡ଼ା ସାହିକୁ ୧୦୮ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଯାଇପାରେ ନାହିଁ। ଅନ୍ୟ ଦିନ ମାନଙ୍କରେ ଏହି ନଦୀ ଦେଇ ଲୋକେ କୌଣସି ମତେ ପାର ହୋଇଯାଉଥିବା ବେଳେ ବର୍ଷା ଦିନରେ ପ୍ରଖର ଜଳସ୍ରୋତ ଯୋଗୁ ନଦୀ ପାର ହେବା କଷ୍ଟକର ହୋଇପଡ଼େ। ତେଣୁ,ବର୍ଷା ଦିନରେ ବଡ଼ଗୁଡା ସାହି ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇପଡ଼େ। ଏହି ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ବଡ଼ଗୁଡ଼ା ସାହି ବାସିନ୍ଦା ପୂର୍ବରୁ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିଙ୍କଠାରେ ବାରମ୍ବାର ଗୁହାରି କରିଥିଲେ ସୁଦ୍ଧା ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଆହ୍ଲାପଣି ଗ୍ରାମରୁ ବଡ଼ଗୁଡା ସାହିକୁ ଏକ ରାସ୍ତା ନିର୍ମାଣ ସହିତ ନଦୀରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ସାହି ବାସିନ୍ଦା ଦାବି କରିଛନ୍ତି।



ଲୋକେ କାଠପୋଲ ତିଆରି କରୁଛନ୍ତି।

